# ପିଲାମାନଙ୍କ ପାଇଁ ବାଇବଲ

## ଉପହାର

# ଯୀଶୁଙ୍କ ଆଶ୍ଚର୍ଯ୍ୟ କର୍ମଗୁଡ଼ାକ




ଲେଖକ: Edward Hughes

ଅନୁବାଦକ: Prasanta Bhuyan

ଦୃଷ୍ଟାନ୍ତ: Byron Unger; Lazarus

ଉପଯୋଜକ: E. Frischbutter; Sarah S.



କାହାଣୀ ୬୦ ରୁ ୪୦

**www.M1914.org**

***Bible for Children,*** *PO Box 3, Winnipeg, MB R3C 2G1 Canada*



ଅନୁମତି ସୂତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,·
ଯେଉଁ ପର୍ଯ୍ୟନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।


ଓଡ଼ିଆ

Oriya

ଯୀଶୁ ଅନେକ ଆଶ୍ଚର୍ଯ୍ୟ କର୍ମ କଲେ । ଆଶ୍ଚର୍ଯ୍ୟ କର୍ମ ଗୁଡ଼ାକ ପ୍ରମାଣିତ କରନ୍ତି ଯେ ଯୀଶୁ ପରମେଶ୍ୱରଙ୍କ ପୁତ୍ର ଅଟନ୍ତି । ସର୍ବ ପ୍ରଥମ ଆଶ୍ଚର୍ଯ୍ୟ କର୍ମ ଏକ ବିବାହ ଭୋଜିରେ ହୋଇଥିଲା । ଏକ ଅସୁବିଧା ଉପୁଜିଲା, ସେଠାରେ ସମସ୍ତଙ୍କ ପାଇଁ ଯଥେଷ୍ଟ ଦ୍ରାକ୍ଷାରସ ନଥିଲା ।



1

ମରୀୟମ୍ ଯୀଶୁଙ୍କ ମାତା, ସେହି ଅସୁବିଧା ବିଷୟରେ ଅବଗତ କରିଲେ । ତା ପରେ ସେ ପରିଚାରକ ମାନଙ୍କୁ କହିଲେ ସେ ଯାହା ବି କରିବାକୁ କହନ୍ତି ତାହାର ଆଜ୍ଞା ଅନୁଷାରେ କର ।



2


ଏହି ମାଠିଆ ଗୁଡ଼ିକ ଜଳରେ ଭର୍ତ୍ତୀ କର, ଯୀଶୁ ସେମାନଙ୍କୁ କହିଲେ । ଜଳ? ସେମାନେ ପଚାରିଥାଇ ପାରନ୍ତି । ହଁ, ଜଳରେ ପୂର୍ଣ୍ଣ କରିବାକୁ ଯୀଶୁ ସେମାନଙ୍କୁ ଅନୁରୋଧ କରିଥିଲେ ।
3


ତା ପରେ ଯୀଶୁ ଏକ ସେବକଙ୍କୁ କହିଲେ, ଏବେ ଏଠାରୁ କିଛି ବାହାର କରି ଭୋଜର ଅଧ୍ୟକ୍ଷଙ୍କ ନିକଟକୁ ଘେନିଯାଅ, ସେ ପ୍ରଥମେ ଏହାକୁ ଆସ୍ୱାଦନ କରନ୍ତୁ । ବର୍ତ୍ତମାନ୍ ସେହି ଜଳ ଦ୍ରୀକ୍ଷାରସ ହୋଇଯାଇଥିଲା, ଭଲ ପ୍ରାକ୍ଷାରସ, ଉତ୍ତମ ଦ୍ରାକ୍ଷାରସ, ଅତି ଉତ୍ତମ ଦ୍ରାକ୍ଷାରସ ।
4


ସେବକମାନେ ଆଚମ୍ବିତ ହୋଇଗଲେ । ଯୀଶୁ ସେହି ଜଳକୁ ଦ୍ରାକ୍ଷାରସରେ ପରିଣତ କରିଥିଲେ । କେବଳ ପରମେଶ୍ୱର ଏପରି ଆଷ୍ଟର୍ଯ୍ୟ କର୍ମ କରିପାରନ୍ତି ।
5


ଯୀଶୁ ଆଉ ଅନେକ ଆଷ୍ଟର୍ଯ୍ୟ କର୍ମ କଲେ । ଏକ ସଂଧ୍ୟା ସମୟରେ, ସେ ଆଉ ତାଙ୍କର ଶିଷ୍ୟମାନେ ସମସ୍ତେ ପିତରଙ୍କ ଗୃହକୁ ଗଲେ । ପିତରଙ୍କ ଶାଶୁ ଜ୍ୱରରେ ଅତ୍ୟନ୍ତ ପିଡ଼ତା ଥିଲେ ।
6


ଯୀଶୁ ପିଡ଼ିତା ସ୍ତ୍ରୀଙ୍କର ହାତକୁ ଷ୍ପର୍ଶ କଲେ । ସେହି ମୁହୁର୍ତ୍ତରେ ସେ ରୋଗମୁକ୍ତ ହୋଇଯାଇଥିଲେ । ସେ ଶେଜରୁ ଉଠି ଯୀଶୁ ଓ ଶିଷ୍ୟ ମାନଙ୍କର ସେବା କଲା ।
7


ଏକ ସଂଧ୍ୟା ସମୟରେ ସମସ୍ତେ ଶହର ଦ୍ୱାର ନିକଟରେ ଜମା ହୋଇଗଲେ । ଅନେକ ରୋଗଗ୍ରସ୍ତ ଲୋକମାନେ ଆସିଲେ । ଅନ୍ଧ, କାଲ୍ଲା, ବୋବା, ଖଞ୍ଜ, ଏପରିକି ଅଶୁଚି ଆତ୍ମାଗ୍ରସ୍ତ ଲୋକମାନେ ମଧ୍ୟ ଯୀଶୁଙ୍କ ନିଟକୁ ଆସିଲେ ।
8

ଯୀଶୁ, ପରମେଶ୍ୱରଙ୍କ ପୁତ୍ର, ସାହାଯ୍ୟ କରିପାରନ୍ତି । ଯୀଶୁ ସାହାଯ୍ୟ କଲେ । ଯେଉଁମାନେ ଯୀଶୁଙ୍କ ନିକଟକୁ ଆସିଲେ ସେ ସମସ୍ତଙ୍କୁ ସୁସ୍ଥ କଲେ । ଲୋକ ଯେଉଁମାନେ ବହୁ କଷ୍ଟରେ ନିଜ ଜୀବନ ଯାପନ କରୁଥିଲେ ଚ଼ାଲି ପାରୁ ନ ଥିଲେ ଓ ଦୌଡ଼ି କିମ୍ବା ଡିଆଁ ମାରି ପାରୁ ନଥିଲେ ।



9

ଅନ୍ୟମାନେ ଆସିଲେ, ଯେଉଁମାନେ କୋଷ୍ଠ ରୋଗ ହେତୁରୁ ଅବାଗିଆ ଦେଖାଯାଉଥିଲେ ।



10

ସେମାନେ ସୁସ୍ଥତା ପାଇଲେ ଯେତେବେଳେ ଯୀଶୁ ସେମାନଙ୍କୁ ସୁସ୍ଥ କଲେ ।



11

ପୁରୁଷ ଓ ସ୍ତ୍ରୀ ମାନେ ଯେଉଁମାନେ ଅଶୁଚ଼ି ଆତ୍ମା ହେତୁରୁ ଯନ୍ତ୍ରଣା ଅନଭବ କରୁଥିଲେ, ଯୀଶୁଙ୍କ ଆଗରେ ଛିଡ଼ା ହେଲେ । ସେ ସେହି ଅଶୁଚ଼ି ଆତ୍ମା ମାନଙ୍କୁ ବାହାରି ଯିବାକୁ ଆଜ୍ଞା ଦେଲେ । ଯେତେବେଳେ ଅଶୁଚ଼ି ଆତ୍ମା ଗୁଡ଼ିକ ତାଙ୍କ ଆଜ୍ଞା ମାନିଲେ, ଭୟକଲେ, ଦୁଃଖରେ ଥିବା ଲୋକମାନେ ଶାନ୍ତି ଓ ଆନନ୍ଦ କଲେ ।



12

ଲୋକଗହଳି ପଛରେ, ଚ଼ାରିଜଣ ଲୋକ ତାଙ୍କର ଏକ ବନ୍ଧୁଙ୍କୁ ଯୀଶୁଙ୍କ ନିକଟକୁ ଆସିବାକୁ ସାହାଯ୍ୟ କଲେ । ମାତ୍ର ସେମାନେ ତାଙ୍କ ପାଖକୁ ଯାଇ ପାରିଲେ ନାହିଁ । ସେମାନେ ଏବେ କଣ କରିବେ ।



13

ସେହି ରୋଗିକୁ ବୋଝେଇ ସେମାନେ ସେହି ଗୃହର ଛାତକୁ ପଳାଇଗଲେ, ସେହି ବିଶ୍ୱସ୍ତ ଚ଼ାରି ବନ୍ଧୁମାନେ ଗୃହର ଛାତକୁ ବାହାର କରିଲେ ଓ ସେହି ମଧ୍ୟଦେଇ ରୋଗୀଙ୍କୁ ତଳକୁ ଖସାଇଦେଲେ । ବର୍ତ୍ତମାନ୍ ସେ ଯୀଶୁଙ୍କ ପାଖରେ ।



14

ଯୀଶୁ ସେହି ଚ଼ାରି ବନ୍ଧୁଙ୍କର ବିଶ୍ୱାସକୁ
ଦେଖିଲେ । ସେ ସେହି ରୋଗୀଙ୍କୁ କହିଲେ,
ତୁମ୍ଭର ପାପସବୁ କ୍ଷମା କରିଗଲା ।
ତୁମ୍ଭର ଖଟିଆ ଘେନି ଚ଼ଲିଯାଅ ।
ସେହି ଲୋକ ଭଲ ଶକ୍ତ ହୋଇ
ଛିଡ଼ା ହେଲା । ଯୀଶୁ ତାଙ୍କୁ
ସୁସ୍ଥ କରିଥିଲେ ।



15



ସଂଙ୍ଗେ ସଂଙ୍ଗେ ଯୀଶୁ ନିଜ ଶିଶ୍ୟମାନଙ୍କ
ସହିତ ନୌକାରେ ବସିଲେ । ସେହି ସମୟରେ
ସମୁଦ୍ରରେ ଭୟଙ୍କର ଝଡ଼ ତୋଫାନ୍ ହେଲା
ଓ ଯୀଶୁ ନିଦ୍ରାଯାଇଥିଲେ । ଭୟଭୀତ
ଶିଶ୍ୟମାନେ ଯୀଶୁଙ୍କୁ ନିଦ୍ରାରୁ ଉଠାଇଲେ ।
ଗୁରୁ ଆମ୍ଭମାନଙ୍କୁ ରକ୍ଷା କରନ୍ତୁ,
ସେମାନେ ପ୍ରାର୍ଥନା କଲେ । ଆମ୍ଭମାନେ
ବୁଡ଼ିବାକୁ ଯାଉଛୁ ।

16

ସୁସ୍ଥିର ହୁଅ, ଯୀଶୁ ସମୁଦ୍ର
ଲହଡ଼ିକୁ ଆଜ୍ଞା ଦେଲେ ।
ତତ୍କ୍ଷଣାତ୍, ସମୁଦ୍ର ଶାନ୍ତ
ହୋଇଗଲା । ଏହା କିପରି
ଲୋକ, ନିଜର ଶିଶ୍ୟମାନେ
ନିଜ ନିଜ ମଧ୍ୟରେ
କହିବାକୁ ଲାଗିଲେ ।



ଏପରି କି ବାୟୁ ଏବଂ ସମୁଦ୍ର
ମଧ୍ୟ ତାଙ୍କ ଆଜ୍ଞା ମାନନ୍ତି ।



17

ସେମାନେ ବିଶ୍ୱାସ କଲେ ଯେ ସେ ପରମେଶ୍ୱରଙ୍କ
ପୁତ୍ର ଅଟନ୍ତି କାରଣ ତାଙ୍କର ଆଶ୍ଚର୍ଯ୍ୟ କର୍ମ
ପରମେଶ୍ୱରଙ୍କ ମହିମା ପ୍ରକାଶ କରେ । ତାଙ୍କର
ଶିଶ୍ୟମାନେ ଏକଥା ଆଗରୁ ଜାଣି ନଥିଲେ,
କିନ୍ତୁ ସେମାନେ ତାଠାରୁ ବି ଅଧିକ
ଆଶ୍ଚର୍ଯ୍ୟ କର୍ମ ଦେଖିବାକୁ
ଯାଉଛନ୍ତି କାରଣ ଯୀଶୁ
ସେମାନଙ୍କ ସହିତରେ



ରହି ପରମେଶ୍ୱରଙ୍କ
ସେବା କରୁଥିଲେ ।



18

ଯୀଶୁଙ୍କ ଆଶ୍ଚର୍ଯ୍ୟ କର୍ମଗୁଡ଼ାକ

**ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ**

**ରୁ ଅନୁସନ୍ଧାନ କରାଯାଇଅଛି**

ମାଥିଉ ୮-୯, ମାର୍କ ୧-୨, ମାର୍କ ୪, ଲୁକ ୪, ଲୁକ ୮, ଯୋହନ ୨

**"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"**
**ଗୀତସଂହିତା ୧୧୯ : ୧୩୦**

ଆମ୍ଭେମାନେ ମନ୍ଦକାର୍ଯ୍ୟ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଆଉ ତାହାକୁ ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ ।

ଇଶ୍ୱର ଆମ୍ଭମାନଙ୍କୁ ଏତେ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ର ଯୀଶୁଙ୍କୁ ଆମ୍ଭମାନଙ୍କର ପାପ ସକାଶୁ କ୍ରୁଶ ଉପରେ ମୃତ୍ୟୁବରଣ କରିବାକୁ ପଠାଇଲେ । ଯୀଶୁ ପୁନର୍ବାର ଜୀବନ କୁ ଫେରିଲେ, ଆଉ ସେ ସ୍ୱର୍ଗ ଆରୋହନ କଲେ ବର୍ତ୍ତମାନ୍ ଅନନ୍ତର ପରମେଶ୍ୱର ଆମ୍ଭମାନଙ୍କର ପାପକ୍ଷମା କରି ପାରିବେ ।

ଯଦି ତୁମ୍ଭେ ତୁମ୍ଭ ପାପରୁ ଫେରିବାକୁ ଚାହଁ, ତେବେ ଏହା ଇଶ୍ୱରଙ୍କୁ କୁହନ୍ତୁ: ପ୍ରିୟର ଇଶ୍ୱର ମୁଁ ବିଶ୍ୱାସ କରେ ଯୀଶୁଖ୍ରୀଷ୍ଟ ମୋ ନିମନ୍ତେ ମୃତ୍ୟୁଭୋଗ କଲେ, ବର୍ତ୍ତମାନ ସେ ଜୀବିତ ଅଟନ୍ତି । ଦୟାକରି ମୋର ପାପସବୁ କ୍ଷମା କର ଏବଂ ମୋ ଜୀବନକୁ ଆସ, ତଦ୍ୱାରା ବର୍ତ୍ତମାନ୍ ଠାରୁ ମୁଁ ଏକ ନୂତନ ଜୀବନ ପ୍ରାପ୍ତ ହୋଇ ତୁମ୍ଭଠାରେ ଚିରକାଳ ସ୍ଥାୟୀ ହେବି । ତୁମ୍ଭର ସନ୍ତାନ ହୋଇ ତୁମ୍ଭଠାରେ ବାସକରିବା ପାଇଁ ମୋତେ ସାହାଯ୍ୟ କରନ୍ତୁ । ଆମେନ୍ (ଯୋହନ ୩:୧୬)

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।